# ତହସିଲଦାରଙ୍କ କାର୍ଯ୍ୟାଳୟ, ଗଞ୍ଜାମ(ଗଞ୍ଜାମ)

ବିଜ୍ଞପ୍ତି ପତ୍ର ସଂଖ୍ୟା- .3267 ତାରିଖ-୨୧/୦୬/୨୦୧୮

## ଲଘୁ ଖଣିଜ ଦ୍ରବ୍ୟ( ନୁଆଁ ମୋରମ ଉତ୍ସ ) ଲୀଜ ନିମନ୍ତେ ବିଜ୍ଞାପନ

### ( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ)

ଏତଦ ଦ୍ୱାରା ସର୍ବସଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ ବିଭାଗ ଗଞ୍ଜାମ ଜିଲ୍ଲା ଅଧିନସ୍ଥ ଗଞ୍ଜାମ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ (ମୋରମ) ଉତ୍ସ ଗୁଡିକୁ ଅନ୍ୟୁନ ୫ ( ପାଞ୍ଚ ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲୀଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ – ୨୦୧୬ ରେ ଦର୍ଶାଯାଇଥିବା ଫର୍ମ – M ( ୩ ସେଟ ) ପୁରଣ କରି ଆବଶ୍ୟକ ପ୍ରମାଣ ପତ୍ର ଯଥା ଟ ୧.୦୦୦ ଙ୍କା (ଏକହଜାର ଟଙ୍କା) ର ଟ୍ରେଜରି ଚାଲାଣ Head of account – 0853-Non-Ferrous Mining and Metallurgical industries-102-Mineral concession Fess, Rent and Royalties) (ଫେରସ୍ତ ଦିଆଯିବ ନାହିଁ ), ଦରଖାସ୍ତ ନିମନ୍ତେ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୋଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ, ନିୟମାନୁଯାୟୀ ଧାର୍ଯ୍ୟ ହୋଇଥିବା ଏକ କ୍ୟୁବିକମିଟର ପିଛା ମୋରମ ଉତ୍ତୋଳନ ଦେୟ ଯଥା ଅତିରିକ୍ତ ଚାର୍ଜ ଓ ରୟାଲ୍ଟୀ ( Rs ୨ + ୩୫= ୩୭/- ) ଏବଂ ଉକ୍ତ ଉତ୍ସ ନିମନ୍ତେ ଏକ ବର୍ଷପାଇଁ ଦର୍ଶାଯାଇଥିବା ( M.G.Q ) ନୂଆ ମୋରମ ଉତ୍ସ ର ପରିମାଣ ଦେୟର ଶତକଡା ୫ ଭାଗ ଅମାନତ ( EMD) BANK DRAFT, ମାଧ୍ୟମରେ Tahasildar, Ganjam payable at SBI Ganjam ଙ୍କ ନାମେ ପ୍ରସ୍ତୁତି କରି ଦରଖାସ୍ତ ଫର୍ମ ସହିତ ସଲଗ୍ନ କରିବେ। ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum guaranteed quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଚାର୍ଜ ତଥା Royalty ର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate) ଯାହାର ଅବଧି ଅଠର ମାସ ହେବା ଆବଶ୍ୟକ (Requisite Extent of Solvency = Minimum Guaranteed Quantity X (Offered Addl. Charges + Royalty) କିମ୍ବା ସମମୂଲ୍ୟର Bank Guarantee ତଥା ଅସ୍ଥାବର ସମ୍ପତ୍ତିର ବିବରଣି ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ପ୍ରମାଣ ପତ୍ର ସଲଗ୍ନ ପୂର୍ବକ ଜଉମୁଦଦିଆ ଯାଇଥିବା ଲଫଫାରେ ରେଜିଷ୍ଟ୍ରି / ସ୍ପୀଡ ପୋଷ୍ଟ ଯୋଗେ ସମ୍ପୃକ୍ତ ତହସିଲ ଠିକଣାରେ ପଠାଇବେ କିମ୍ବା ତହସିଲରେ ଜଉମୁଦ ଦିଆଯାଇ ରଖାଯାଇଥିବା ଟେଣ୍ଡର ବାକ୍ସରେ ଯେକୋଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ରେ ପକାଇ ପାରିବେ । ଦରଖାସ୍ତ ରେ ଲୀଜ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ୦୭/୦୭/୨୦୧୮ ସମୟ ପୂର୍ବାହ୍ନ ୧୧.୦୦ ଘଣ୍ଟା ଅଟେ । ଉକ୍ତ ତାରିଖ ପରେ କୋଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଦରଖାସ୍ତ ଦେବା ପୂର୍ବରୁ ଲିଜ୍ ରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଲଘୁ ଖଣିଜ ଉତ୍ସ କୁ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।

ଲୀଜ ନେବା ପରେ ସଇରାତ ଚଳାଇବା ସମ୍ପର୍କ ରେ କୋଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୋଣସି ପାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନ କାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମୁଖରେ ତା ୦୭ /୦୭/୨୦୧୮ ପୂର୍ବାହ୍ନ ୧୨.୦୦ ଘଣ୍ଟା ସମୟରେ ତହସିଲଦାର ଙ୍କ ପ୍ରକୋଷ୍ଠରେ ଖୋଲାଯାଇ ଆବେଦନ କାରୀ କିମ୍ବା କ୍ଷମତା ପ୍ରାପ୍ତ ବ୍ୟକ୍ତି ଙ୍କ ସମୁଖରେ ତନଖି କରାଯିବ ଏବଂ ତନ୍ମଧ୍ୟରୁ ମନୋନୀତ ଆବେଦନ କାରୀଙ୍କୁ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଉପରୋକ୍ତ ଧାର୍ଯ୍ୟ ତାରିଖରେ ଯଦି ଏହି ଉତ୍ସ ପାଇଁ ଦରଖାସ୍ତପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲୀଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ଦିତୀୟଥର ପାଇଁ ଆବେଦନ ପତ୍ର ଉପରୋକ୍ତ ପ୍ରକାରେ ଆସନ୍ତା ତା ୦୭ /୦୭/୨୦୧୮ ରିଖ ଠାରୁ ତା ୨୩ /୦୭ /୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା ୨୩ /୦୭ /୨୦୧୮ ରିଖ ପୂର୍ବାହ୍ନ ୧୨.୦୦ ଘଟିକା ସମୟରେ ପୂର୍ବମତେ Tender Box ଖୋଲାଯିବ । ଏଥିରେ ମଧ୍ଯ ଯଦି କୋଣସି ଆବେଦନ ପତ୍ର ନ ମିଳେ କିମ୍ବା କୋଣସି ଆବେଦନକାରୀ ଯୋଗ୍ୟ ବିବେଚିତ ନ ହୁଅନ୍ତି ତାହା ହେଲେ ତୃତୀୟ ଥର ପାଇଁ ଆବେଦନ ପତ୍ର ଉପରୋକ୍ତ ପ୍ରକାରେ ତା ୨୩/୦୭ /୨୦୧୮ ରିଖ ଠାରୁ ତା ୦୮ /୦୮ /୨୦୧୮ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ। ଉକ୍ତ ନିର୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଡାକ ଜନିତ ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଦ୍ଵିତୀୟଓ ତୃତୀୟ ଥର ପାଇଁ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ଯଥା ୨୩ /୦୭ /୨୦୧୮ ରିଖ ଓ ତା ୦୮ /୦୮ /୨୦୧୮ ରିଖ ପୂର୍ବାହ୍ନ ୧୨.୦୦ ଘଣ୍ଟା ସମୟରେ ଦରଖାସ୍ତ କାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତରେ ଜଉମୁଦ ଲଫଫା ଖୋଲି ତନଖି କରାଯିବ ଏବଂ ତନ୍ମଧ୍ୟରୁ ମୋନୋନୀତ ଆବେଦନ କାରୀ ଙ୍କୁ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଆବେଦିତ ଦରଖାସ୍ତ ମଧ୍ୟରେ ସର୍ବାଧିକ ଧାର୍ଯ୍ୟ ଅତିରିକ୍ତ ଚାର୍ଜ ଦର୍ଶାଇଥିବା ଦରଖାସ୍ତକୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଚାର୍ଜ ଦର୍ଶାଇଥିଲେ, ଲଟେରି ମାଧମରେ ଯୋଗ୍ୟ ବ୍ୟକ୍ତିଙ୍କୁ ସ୍ଥିର କରାଯିବ। ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ ଙ୍କୁ ସାତ ଦିନ ମଧ୍ୟରେ କ୍ଷମତା ପ୍ରାପ୍ତ ଅଧିକାରୀ ଫାର୍ମ " F " ରେ ଜଣାଇ ଦେବେ ଏବଂ ଫାର୍ମ " F " ପ୍ରାପ୍ତ ହେବାର ୧୫ ଦିନ ମଧ୍ୟରେ ସମସ୍ତ ଧାର୍ଯ୍ୟ ଦେୟ ଦାଖଲ କରିବେ । ନଚେତ ତାହାଙ୍କ ଦରଖାସ୍ତ ନାକଚ ହୋଇ ଅନ୍ୟ ନିକଟ ତମ ଯୋଗ୍ୟ ଦରଖାସ୍ତକାରୀ ଙ୍କୁ ବଛାଯିବ । MINING PLAN ଟି FROM ' O ' ରେ RQP ଙ୍କ ଦ୍ଵାରା ପ୍ରସ୍ତୁତ କରାଯାଇ ଭୂତତ୍ଵବିତ, ଯୁଗ୍ମ ନିର୍ଦ୍ଦେଶକ ଭୂତତ୍ଵବିଭାଗ ବ୍ରହ୍ମପୁର/ ଖଣି ଅଧିକାରୀ ବ୍ରହ୍ମପୁର, ଗଞ୍ଜାମଙ୍କ ନିକଟରୁ ଅନୁମୋଦିତ ହେବ ଆବଶ୍ୟକ । ଭାରତ ସରକାରଙ୍କ ଅଧିସୂଚନା ସଖ୍ୟା S. O. ୧୪୧ ( E ) ତା ୧୫.୦୧.୨୦୧୬ ଅନୁଯାୟୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ Environment Clearance ଅନୁମୋଦିତ ହୋଇଥିବା ବିଧେୟ ପ୍ରାଧିକୃତ ଅଧିକାରୀ MINING PLANରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଓ ଦରଖାସ୍ତରେ ହୋଇଥିବା ରୟାଲଟିର ମୂଲ୍ୟ ଅନୁଯାୟୀ ସମସ୍ତ ଟଙ୍କା ଲୀଜଧାରୀଙ୍କୁ ଏକକାଳିନ ଦାଖଲ କରିବାକୁ ପଡିବ । ଏହାପରେ ଲୀଜଧାରୀ ନିଜ ଖର୍ଚ୍ଚରେ From- Nରେ ଲୀଜ ନିୟମ ଅନୁଯାୟୀ ଲିଜ AGREEMENT ବା ଚୁକ୍ତି ( ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ) ସମ୍ପାଦନ କରିବେ । ଯଦି ନିର୍ବାଚିତ ଦରଖାସ୍ତକାରୀ ନିୟମ ଅନୁଯାୟୀ ଠିକ ସମୟରେ ଚୁକ୍ତି ସମ୍ପାଦନ ନ କରନ୍ତି , ତେବେ ତାଙ୍କର EMD ବ୍ୟଜ୍ୟାପ୍ତ ହେବ । ଯଦି ସର୍ବାଧିକ ଅତିରିକ୍ତ ଚାର୍ଜ ଦର୍ଶାଇଥିବା ଉପରୋକ୍ତ ବ୍ୟକ୍ତି ସର୍ତ୍ତାବଳୀର ଖିଲାପ କରନ୍ତି, ତେବେ ତାଙ୍କ ପରିବର୍ତ୍ତେ ସର୍ବାଧିକ ଅତିରିକ୍ତ ଚାର୍ଜ ଦର୍ଶାଇଥିବା ଆବେଦନକାରୀଙ୍କୁ କ୍ରମାନୁଯାୟୀ ସୁଯୋଗ ଦିଆଯିବ । ସର୍ବାଧିକ ନୀଲାମଧାରୀ ଧାର୍ଯ୍ୟ ସମୟ ସୀମା ମଧ୍ୟରେ

Mining Plan ତଥା Environment Clearance ଜମା ନ କରିପାରିଲେ, କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆବଶ୍ୟକୀୟ ସମସ୍ତ କ୍ଲିୟରାନ୍ସ ନିମନ୍ତେ ପ୍ରମାଣ ପତ୍ର ସମୟ Extension ପାଇଁ ଦରଖାସ୍ତ କରିବେ ଏବଂ ଏହାର Acknowledgment କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ନିକଟରୁ ନେବେ ।

ଏହା ବ୍ୟତିତ ଆବେଦନ କାରୀ ବା ଲୀଜ ଧାରୀ ଦାଖଲ କରିଥିବା ସମସ୍ତ ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ଏବଂ ୧୦ ଭାଗ ଜିଲ୍ଲା ଖଣିଜ ଫାଉଣ୍ଡେସନ ବାବଦକୁ ଦେୟ ପଇଠ କରିବାକୁ ପଡିବ । ଧାରା – ୨୮ ଅନୁଯାୟୀ ଲୀଜଧାରୀ ପ୍ରତ୍ୟେକ ବର୍ଷ ସରକାରଙ୍କ ଧାର୍ଯ୍ୟ କରାଯାଇଥିବା Dead Rent , Surface Rent, Environment Management Fund ଏବଂ DMF ନିମନ୍ତେ ଫି ଦାଖଲ କରିବାକୁ ପଡିବ ।

ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟୀ ବାବଦ ଜମା ରାଶିକୁ ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିବ । ସର୍ବୋଚ୍ଚ ନୀଲାମଧାରୀ ନିଲାମ ମୂଲ୍ୟର ୨% ( ଶତକଡା ଦୁଇ) ଆୟକର ବାବଦକୁ ଜମା କରିବେ ।

ଯଦି ଏହି **ବିଜ୍ଞାପନରେ ନିୟମ ଆନୁଯାୟୀ କୋଣସି ତ୍ରୁଟି ପରିଲିଖିତ ହୁଏ , ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।** କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲୀଜ କାର୍ଯ୍ୟ ବାତିଲ **ବା ସ୍ଥଗିତ** କରିପାରିବେ ।

ଅଜୟ କୁମାର ସାହୁ 21.6.2018
ତହସିଲଦାର, ଗଞ୍ଜାମ

ପରି ପତ୍ର **ସଂଖ୍ୟା** ୨୦୬୪ / ତାରିଖ -୨୧ /୦୬ / ୨୦୧୮ /

ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଛତ୍ରପୁର, ଗଞ୍ଜାମ/ ଉପ- ଜିଲ୍ଲାପାଳ, ଛତ୍ରପୁର ଙ୍କ ଗୋଚରାର୍ଥେ ଜଣାଇଦିଆଗଲା ।

ଅଜୟ କୁମାର ସାହୁ 21.6.2018
ତହସିଲଦାର, ଗଞ୍ଜାମ

ପରି ପତ୍ର **ସଂଖ୍ୟା** ୨୦୬୫ ତାରିଖ - ୨୧ /୦୬ / ୨୦୧୮ /

ଏହାର ଏକକିତା ନକଲ ଗୋଷ୍ଠିଉନ୍ନୟନ ଅଧିକାରୀ, ଗଞ୍ଜାମ / ବିଜ୍ଞାପିତ ଅଞ୍ଚଳ ପରିଷଦ , ଗଞ୍ଜାମ/ ସମସ୍ତ ରାଜସ୍ୱ ନିରିକ୍ଷକ/ ସମସ୍ତ ଗ୍ରାମର ସରପଞ୍ଚଙ୍କର ଅବଗତି ଓ ବହୁଳ ପ୍ରଚାରଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ଏବଂ ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟରେ ଥିବା ନୋଟିସ ବୋର୍ଡରେ ବହୁଳ ପ୍ରଚାରଓ ପ୍ରସାର ନିମନ୍ତେ ପ୍ରେରଣ କରାଗଲା

ଅଜୟ କୁମାର ସାହୁ 21.6.2018
ତହସିଲଦାର, ଗଞ୍ଜାମ ।

# DETAILS OF INFORMATION ON SAIRAT SOURCES

| Sl, No | Name of the Tahasil | Name of the source | Khata No | Plot No | Area | Hector | Minimum guaranteed quantity of minor mineral to be extracted in year | Rate of Royalty | Minimum additional charges 5 % of the royalty | EMD to be deposited @ 5% of the royalty & additional charge basing on MGQ for one year on shape of D.D Col No (9+10) x Col No 8) | Solvency certificate |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | Ganjam | Humma ( Morrum ) | 1739 | 35 | 2.725 | 1.107 | 2600 | Rs. 35/- | Rs. 2/- | Rs. 4810 /- | Solvency certificate or Bank guarantee valid for a period of 18 months for an amount not less than the amount of additional charge offered & the royalty payable for the MGQ for one whole year & a list of Immovably properties from the Revenue Authority. |

Tahasildar, Ganjam
21.6.2018